ମେସର୍ସ ବାଲିମାଲ୍ ନାଭାଲ୍ କିଶୋର୍ ଏବଂ ଅନ୍ୟଜଣେ

ବନାମ

ଆୟକର ଆୟୁକ୍ତ, ବମ୍ବେ

ଜାନୁଆରୀ 10, 1997

[ବି. ପି. ଜୀବନ ରେଡ୍ଡୀ ଏବଂ କେ. ଟି. ଥୋମାସ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଆୟକର ଅଧିନିୟମ, 1922:ଧାରା 10 (2) (v)-ଆୟକର- "ବର୍ତ୍ତମାନ ମରାମତି" କିମ୍ବା "ପୁଞ୍ଜିଗତ ବ୍ୟୟ"- ଛାଡ- ପ୍ରେକ୍ଷାଳୟର ଢାଞ୍ଚାର ମରାମତି ସହିତ ନୂତନ ଯନ୍ତ୍ରପାତି, ଆସବାବପତ୍ର, ଶୌଚାଳୟ ସରଞ୍ଜାମ ଏବଂ ବୈଦ୍ୟୁତିକ ତାର ବିଛାଇବା ଆଦି ବ୍ୟାପକ ମରାମତି କାର୍ଯ୍ୟ- ହୋଇଥିବା ଖର୍ଚ୍ଚ- ନିର୍ଣ୍ଣୟ ହୋଇଛି: ପୁଞ୍ଜିଗତ ବ୍ୟୟ ଏବଂ ବର୍ତ୍ତମାନ ମରାମତି ନୁହେଁ- ତେଣୁ, ବ୍ୟୟ ଛାଡଯୋଗ୍ୟ ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟ, ଯଥାର୍ଥ ଭାବରେ ନିର୍ଣ୍ଣୟ ନେଇଛନ୍ତି- ନ୍ୟୁ ସୋର୍କ୍ ସ୍ପିନିଙ୍ଗ୍ ଆଣ୍ଡ ମାନୁଫାକ୍ଟରିଂ କମ୍ପାନୀ ଲିମିଟେଡ୍ ମାମଲାରେ ଏହି ବ୍ୟୟକୁ ନିର୍ଣ୍ଣୟ କରିବା ପାଇଁ ଯେପରି ଉପାୟ ପ୍ରଦାନ କରାଯାଇଛି ତାହାକୁ ଅନୁମୋଦନ କରାଯାଇଛି- ଆୟକର ଅଧିନିୟମ, 1961, ଧାରା 30 (a) (ii) ଏବଂ 31 (i)*

*ଶବ୍ଦ ଏବଂ ବାକ୍ୟାଂଶ:*

*"ବର୍ତ୍ତମାନ ମରାମତି"- ଅର୍ଥ- ଆୟକର ଅଧିନିୟମ, 1922 ର ଧାରା 10 (2) (v) ପରିପ୍ରେକ୍ଷୀରେ ।*

**ଆବେଦନକାରୀ-କରଦାତା ଏକ କପା ଶୋଧନ କାରଖାନା କିଣିଥିଲେ ଏବଂ ଏହାକୁ ଏକ ପ୍ରେକ୍ଷାଳୟରେ ପରିଣତ କରିଥିଲେ ଏବଂ ସେଥିରେ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ । 1960 ରୁ ମାର୍ଚ୍ଚ 1961 ମଧ୍ୟରେ କରଦାତା ନୂତନ ଯନ୍ତ୍ରପାତି, ନୂତନ ଆସବାବପତ୍ର, ନୂତନ ଶୌଚାଳୟ ସରଞ୍ଜାମ ଏବଂ ନୂତନ ବୈଦ୍ୟୁତିକ ସରଞ୍ଜାମ ସ୍ଥାପନ କରି ଉକ୍ତ ପ୍ରେକ୍ଷାଳୟରେ ବ୍ୟାପକ ମରାମତି କରିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିଥିଲେ ।ଏହା ବ୍ୟତୀତ, କରଦାତା ମଧ୍ୟ କୋଠାର ଢାଞ୍ଚାର ବ୍ୟାପକ ଭାବରେ ମରାମତି କରିଥିଲେ ।**

**ପ୍ରାସଙ୍ଗିକ ମୂଲ୍ୟାଙ୍କନ ବର୍ଷ ସମ୍ବନ୍ଧୀୟ ମୂଲ୍ୟାଙ୍କନ ପ୍ରକ୍ରିୟାରେ, କରଦାତା ଆୟକର ଅଧିନିୟମ, 1922 ର ଧାରା 10 (2) (v) ଅନୁଯାୟୀ "ବର୍ତ୍ତମାନ ମରାମତି" ଉପରେ ଖର୍ଚ୍ଚ ହୋଇଥିବା ଉପରୋକ୍ତ ପରିମାଣର ଛାଡ଼ ଦାବି କରିଛନ୍ତି । ଉଚ୍ଚ ନ୍ୟାୟାଳୟ ଆବେଦନକାରୀ-କରଦାତାଙ୍କ ବିରୁଦ୍ଧରେ ନିଷ୍ପତ୍ତି ନେଇଥିଲେ । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. "ବର୍ତ୍ତମାନ ମରାମତି" କ'ଣ ତାହା ନିର୍ଣ୍ଣୟ କରିବା ପାଇଁ** *ନ୍ୟୁ ସୋର୍କ୍ ସ୍ପିନିଙ୍ଗ୍ ଆଣ୍ଡ ମାନୁଫାକ୍ଟରିଂ କମ୍ପାନୀ ଲିମିଟେଡ୍* **ମାମଲାରେ ବିକଶିତ ହୋଇଥିବା ଏକ ନିତୀ ଏହି ମାମଲା ପାଇଁ ଉପଯୁକ୍ତ ଅଟେ । ସେହି ନିତୀକୁ ଲାଗୁ କରିବା ଦ୍ୱାରା ଏହା ସ୍ପଷ୍ଟ ହୋଇଯିବ ଯେ କରଦାତା ଯାହା କରିଥିଲେ ତାହା କେବଳ**

**ମରାମତି ନୁହେଁ ବରଂ ପ୍ରେକ୍ଷାଳୟର ସମ୍ପୂର୍ଣ୍ଣ ନବୀକରଣ ଥିଲା । ନୂତନ ଯନ୍ତ୍ରପାତି, ନୂତନ ଆସବାବପତ୍ର, ନୂତନ ଶୌଚାଳୟ ସରଞ୍ଜାମ ଏବଂ ନୂତନ ବୈଦ୍ୟୁତିକ ତାର ବିଛାଇବା ସହିତ କୋଠାର ଢାଞ୍ଚାରେ ବ୍ୟାପକ ମରାମତି କରାଯାଇଥିଲା । କୌଣସି ପରିସ୍ଥିତିରେ, ଉକ୍ତ ମରାମତି କାର୍ଯ୍ୟକୁ ଆୟକର ଅଧିନିୟମ 1922 ର ଧାରା 10 (2) (v) ଅନୁଯାୟୀ "ବର୍ତ୍ତମାନ ମରାମତି" ବୋଲି ଗ୍ରହଣ କରାଯାଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ନବୀକରଣ ଉପରେ ଏକ ମାମଲା ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ଉଚିତ ଭାବେ ପୁଞ୍ଜିଗତ ଖର୍ଚ୍ଚ ଭାବେ ନିର୍ଣ୍ଣୟ ନେଇଛନ୍ତି ।**

*ନ୍ୟୁ ସୋର୍କକ୍ ସ୍ପିନିଙ୍ଗ୍ ଆଣ୍ଡ ମାନୁଫାକ୍ଚରିଂ କମ୍ପାନୀ ଲିମିଟେଡ୍ ବନାମ ସିଆଇଟି,* **30 ଆଇଟିଆର୍ 338 (ବମ୍ବେ);** *ସିଆଇଟି ବନାମ ଦରଭଙ୍ଗା ଚିନି କଳ ଲିମିଟେଡ୍,* **(1956) 29 ଆଇଟିଆର 21 (ପାଟନା);** *ସିଆଇଟି ବନାମ ଶ୍ରୀ ରାମ ସୁଗାର କଳ ଲିମିଟେଡ୍,* **(1952) 21 ଆଇଟିଆର୍ 191 (ମାଡ୍ରାସ)** ଏବଂ *ଲିବର୍ଟି ସିନେମା ବନାମ ସିଆଇଟି,* **52 ଆଇଟିଆର୍ 153 (କୋଲକାତା), ମାମଲାକୁ ଅନୁମୋଦନ କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 646/1981

7.2.79 ତାରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଆଇ. ଟି. ଆର୍. ସଂଖ୍ୟା 105/1970 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ମେସର୍ସ ଜେ. ବିଡିଆଣ୍ଡ କୋ. ପାଇଁ ସୁଶ୍ରୀ ଏ. କେ. ବର୍ମା ଏବଂ ଏସ୍. ଗଣେଶ, ଆବେଦନକାରୀଙ୍କ ପାଇଁ ।

ଡଃ. ଆର. ଆର. ମିଶ୍ର, ସୁଶ୍ରୀ ଲକ୍ଷ୍ମୀ ଆୟେଙ୍ଗର, ବି. କୃଷ୍ଣ ପ୍ରସାଦ, ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ବି. ପି. ଜୀବନ ରେଡ୍ଡିଙ୍କ** ଦ୍ୱାରା । ଆୟକର ଅଧିନିୟମ, 1922 ର ଧାରା 10 (2) (v) ବ୍ୟବସାୟରେ ନିୟୋଜିତ କୋଠା, ଯନ୍ତ୍ରପାତି, କାରଖାନା, ଆସବାବପତ୍ରର "ବର୍ତ୍ତମାନ ମରାମତି" ଉପରେ ଖର୍ଚ୍ଚ ହୋଇଥିବା ଅର୍ଥକୁ ଛାଡ କରିବାକୁ ଅନୁମତି ଦେଇଥାଏ । କରଦାତା-ଆବେଦନକାରୀ ପାନିପଥରେ "ନାଭାଲ ଟକିଜ୍" ନାମକ ଏକ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ପ୍ରଦର୍ଶନ କରିବାର ବ୍ୟବସାୟ କରନ୍ତି । ସେ ଉକ୍ତ ଅଟ୍ଟାଳିକାଟିକୁ 1937 ମସିହାରେ କିଣିଥିଲେ । ସେତେବେଳେ ଏହା ଏକ କପା ଶୋଧନ କାରଖାନା ଥିଲା ।ସେ 1940 ମସିହା ପର୍ଯ୍ୟନ୍ତ ଏହି କାରଖାନା ଚଳାଇଥିଲେ । 1945 ମସିହାରେ ସେ ଏହାକୁ ଏକ ପ୍ରେକ୍ଷାଳୟରେ ପରିଣତ କରିଥିଲେ ଏବଂ ସେଥିରେ ଚଳଚ୍ଚିତ୍ର ପ୍ରଦର୍ଶନ କରୁଥିଲେ । 1960 ରୁ ମାର୍ଚ୍ଚ 1961 ଅବଧି ମଧ୍ୟରେ, କରଦାତା ଯଥେଷ୍ଟ ପରିମାଣ ଖର୍ଚ୍ଚ କରି ପ୍ରେକ୍ଷାଳୟର ବ୍ୟାପକ ମରାମତି କରିଥିଲେ । ତାଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ଅର୍ଥରାଶି ଗୁଡ଼ିକ ହେଲା:ଯନ୍ତ୍ରପାତି ବାବଦରେ 16, 002/- ଟଙ୍କା, ନୂତନ ଆସବାବପତ୍ର ବାବଦରେ 27, 889/- ଟଙ୍କା, ଶୌଚାଳୟ ସରଞ୍ଜାମ ବାବଦରେ 5, 225/- ଟଙ୍କା ଏବଂ ବିଦ୍ୟୁତ ତାର ବଦଳାଇବାରେ 13, 604/- ଟଙ୍କା ଖର୍ଚ୍ଚ କରିଥିଲେ । ଏହା ସହିତ, କାନ୍ଥ, ହଲ୍, ଚଟାଣ ଏବଂ ଛାତ, ଦ୍ୱାର ବନ୍ଧ ଏବଂ ଝରକା ଏବଂ ମଞ୍ଚ ପାର୍ଶ୍ୱ ଇତ୍ୟାଦିର ମରାମତି ପାଇଁ ମୋଟ 62,977/- ଟଙ୍କା ଖର୍ଚ୍ଚ କରାଯାଇଥିଲା । ପ୍ରକୃତରେ ମରାମତି ପାଇଁ ଉପରୋକ୍ତ ସମୟରେ ପ୍ରେକ୍ଷାଳୟକୁ ବନ୍ଦ କରିବାକୁ ପଡ଼ିଥିଲା ।

ପ୍ରାସଙ୍ଗିକ ମୂଲ୍ୟାଙ୍କନ ବର୍ଷ ସମ୍ବନ୍ଧୀୟ ମୂଲ୍ୟାଙ୍କନ ପ୍ରକ୍ରିୟାରେ, ମୂଲ୍ୟାଙ୍କନକାରୀ ଦାବି କରିଛନ୍ତି ଯେ ଉପରୋକ୍ତ 62, 977/- ଟଙ୍କା ପରିମାଣକୁ ଛାଡ଼ କରିବାପାଇଁ ଦାବି କରାଯାଇଛି । ଆୟକର ଅଧିକାରୀ ଏହାକୁ ଅନୁମତି ଦେଇନଥିଲେ । ତାଙ୍କ ମତରେ ଏହା ପୁଞ୍ଜିଗତ ବ୍ୟୟ ଥିଲା । ଆବେଦନରେ, ସହକାରୀ ଅପିଲିୟ ଆୟୁକ୍ତ, ଆୟକର ଅଧିକାରୀଙ୍କ ଦ୍ୱାରା ନିଆଯାଇଥିବା ମତକୁ ନିଶ୍ଚିତ କରିଥିଲେ । ପରବର୍ତ୍ତୀ ଆବେଦନରେ, ନ୍ୟାୟାଧିକରଣ କରଦାତାଙ୍କ ମାମଲାକୁ କାଏମ ରଖିଥିଲେ, ଯେଉଁଥିରେ ରାଜସ୍ୱର ଅନୁରୋଧ କ୍ରମେ ଭାରତୀୟ ଆୟକର ଅଧିନିୟମ, 1922ର ଧାରା 66 (1) ଅନୁଯାୟୀ ନିମ୍ନଲିଖିତ ପ୍ରଶ୍ନଟି ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ପାଖକୁ ପଠାଯାଇଥିଲା: "ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଭିତ୍ତି କରି, ସମ୍ପୃକ୍ତ ବର୍ଷ ପାଇଁ କରଦାତାଙ୍କ ଆୟ ଗଣନା କରିବା ସମୟରେ 62977/- ଟଙ୍କା କିମ୍ବା ତାର କୌଣସି ଅଂଶ ଛାଡ଼ଯୋଗ୍ୟ କି ନା? *ନ୍ୟୁ ସୋର୍କକ୍ ସ୍ପିନିଙ୍ଗ୍ ଆଣ୍ଡ ମାନୁଫାକ୍ଚରିଂ କମ୍ପାନୀ ଲିମିଟେଡ୍ ବନାମ ଆୟକର ଆୟୁକ୍ତ* 30 ଆଇ. ଟି. ଆର୍. 338 ମାମଲାରେ ଉକ୍ତ ନ୍ୟାୟାଳୟଙ୍କ ପୂର୍ବ ନିର୍ଣ୍ଣୟ ପରେ ଉଚ୍ଚ ନ୍ୟାୟାଳୟ ରାଜସ୍ୱ ସପକ୍ଷରେ ଏବଂ କରଦାତାଙ୍କ ବିରୋଧରେ ପ୍ରଶ୍ନର ଉତ୍ତର ଦେଇଥିଲେ ।

ଧାରା 10 (2) (v) ରେ ବ୍ୟବହୃତ ଅଭିବ୍ୟକ୍ତି ହେଉଛି "ସାମ୍ପ୍ରତିକ ମରାମତି" ଏବଂ କେବଳ "ମରାମତି" ନୁହେଁ । ସମାନ ଅଭିବ୍ୟକ୍ତି ଆୟକର ଅଧିନିୟମ, 1961 ର ଧାରା 30 (a) (ii) ଏବଂ ଧାରା 31 (i) ରେ ଦେଖାଯାଏ । ପ୍ରଶ୍ନ ହେଉଛି ଯେ ଧାରା 10 (2) ର ପରିପ୍ରେକ୍ଷୀରେ ଅଭିବ୍ୟକ୍ତିର ଅର୍ଥ କ 'ଣ । *ନ୍ୟୁ ସୋର୍କକ୍ ସ୍ପିନିଙ୍ଗ୍ ଆଣ୍ଡ ମାନୁଫାକ୍ଚରିଂ କମ୍ପାନୀ ଲିମିଟେଡ୍* ମାମଲାରେ, ମାନ୍ୟବର ମୁଖ୍ୟ ବିଚାରପତି ଚଗଲା, ଦୁଇଜଣିଆ ଖଣ୍ଡପୀଠଙ୍କ ତରଫରୁ କହିଥିଲେ ଯେ "ବର୍ତ୍ତମାନ ମରାମତି" ଅଭିବ୍ୟକ୍ତିର ଅର୍ଥ ହେଉଛି କୋଠା, ଯନ୍ତ୍ରପାତି, କାରଖାନା କିମ୍ବା ଆସବାବପତ୍ର ଉପରେ ଖର୍ଚ୍ଚ ଯାହା ନବୀକରଣ କିମ୍ବା ପୁନରୁଦ୍ଧାର ଉଦ୍ଦେଶ୍ୟରେ ନୁହେଁ, ବରଂ ଯାହା କେବଳ ପୂର୍ବରୁ ଥିବା ସମ୍ପତ୍ତିର ସଂରକ୍ଷଣ କିମ୍ବା ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଏବଂ ଯାହା ଏକ ନୂତନ ସମ୍ପତ୍ତି ଅସ୍ତିତ୍ୱକୁ ଆଣି ନଥାଏ କିମ୍ବା କରଦାତାଙ୍କୁ ଏକ ନୂତନ କିମ୍ବା ଭିନ୍ନ ସୁବିଧା ଦିଏ ନାହିଁ । ମାନ୍ୟବର ମୁଖ୍ୟ ବିଚାରପତି ମତବ୍ୟକ୍ତ କରିଥିଲେ ଯେ ସେଗୁଡ଼ିକ ଏପରି ମରାମତି ଯାହା ଆବଶ୍ୟକ ସମୟରେ କରାଯାଇଥାଏ ଏବଂ ଯେତେବେଳେ ଏକ କୋଠା, ଯନ୍ତ୍ରପାତି ଇତ୍ୟାଦିର ମରାମତି ଆବଶ୍ୟକ ହୁଏ ଏବଂ ଯେତେବେଳେ ଆବଶ୍ୟକତା ପଡ଼େ ସେତେବେଳେ କୌଣସି ଶିକ୍ଷାନୁଷ୍ଠାନିକ କିମ୍ବା ତତ୍ତ୍ୱଗତ ପରୀକ୍ଷା ଦ୍ୱାରା ନୁହେଁ ବରଂ ବ୍ୟବସାୟିକ ଉପଯୋଗିତା ଦ୍ୱାରା ନିଷ୍ପତ୍ତି ନିଆଯିବା ଆବଶ୍ୟକ । ମାନ୍ୟବର ମୁଖ୍ୟ ବିଚାରପତି ଏହିପରି ପର୍ଯ୍ୟବେକ୍ଷଣ କରିଛନ୍ତି:

> "ଯେଉଁ ସରଳ ପରୀକ୍ଷାକୁ ନିରନ୍ତର ମନେ ରଖିବାକୁ ହେବ ତାହା ହେଉଛି, ମରାମତି ଖର୍ଚ୍ଚ ପାଇଁ ଦାବି କରାଯାଉଥିବା ବ୍ୟୟର ପରିଣାମ ସ୍ୱରୂପ ପ୍ରକୃତରେ ଏକ ପୂର୍ବରୁ ବିଦ୍ୟମାନ ଥିବା ସମ୍ପତ୍ତିକୁ ସୁରକ୍ଷିତ ଏବଂ ରକ୍ଷଣାବେକ୍ଷଣ କରିବା । ଖର୍ଚ୍ଚର ଉଦ୍ଦେଶ୍ୟ କୌଣସି ନୂତନ ସମ୍ପତ୍ତିକୁ ଅସ୍ତିତ୍ୱକୁ ଆଣିବା ନୁହେଁ, କିମ୍ବା ଏହାର ଉଦ୍ଦେଶ୍ୟ କୌଣସି ନୂତନ କିମ୍ବା ନୂତନ ସୁବିଧା ହାସଲ କରିବା ନୁହେଁ । ଏହା ହିଁ 'ମରାମତି' ର ଏକମାତ୍ର ସଂଜ୍ଞା ହୋଇପାରେ, କାରଣ ମରାମତିର ଏହି ସଂଜ୍ଞା ଯୋଗୁ ହିଁ ଏହି ଖର୍ଚ୍ଚକୁ ଏକ ରାଜସ୍ୱ ଖର୍ଚ୍ଚ ବୋଲି କୁହାଯାଉଛି ।

ଯଦି କୌଣସି ଖର୍ଚ୍ଚ ଏକ ନୂତନ ସମ୍ପତ୍ତି ସୃଷ୍ଟି କରିବା ପାଇଁ କିମ୍ବା ଏକ ନୂଆ ସୁବିଧା ହାସଲ କରିବା ଉଦ୍ଦେଶ୍ୟରେ କରାଯାଇଥାଏ, ତେବେ ସେହି ଖର୍ଚ୍ଚ ରାଜସ୍ୱ ପ୍ରକୃତିର ନୁହେଁ, ବରଂ ଏକ ପୁଞ୍ଜିଗତ ଖର୍ଚ୍ଚ ଅଟେ ଏବଂ ଏଥିରୁ ସ୍ୱଷ୍ଟ ଜଣାପଡୁଛି ଯେ, ବ୍ୟବସ୍ଥାପିକା ଦ୍ୱାରା ଧାରା 10(2)(v) ଅଧୀନରେ ଯେଉଁ ଛାଡ଼କୁ ଅନୁମତି ଦିଆଯାଇଛି, ତାହା କେବଳ ରାଜସ୍ୱ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ, ପୁଞ୍ଜିଗତ ଖର୍ଚ୍ଚ ପାଇଁ ନୁହେଁ ।"

ଉପରୋକ୍ତ ମତକୁ ଗ୍ରହଣ କରି, ବମ୍ବେ ଉଚ୍ଚ ନ୍ୟାୟାଳୟ, *ରାମକ୍ରିଷ୍ଣ ସୁନ୍ଦରଲାଲ ବନାମ ଆୟକର ଆୟୁକ୍ତ* ୟୁ. ପି. (1951) 19 ଆଇ. ଟି. ଆର. 324 ମାମଲାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣ ସହ ସହମତ ନହୋଇ ଭିନ୍ନ ମତ ପୋଷଣ କରି ନିର୍ଣ୍ଣୟ ନେଇଛନ୍ତି ଯେ ଧାରା 10 (2) (v) ରେ "ବର୍ତ୍ତମାନ ମରାମତି" ଅଭିବ୍ୟକ୍ତି, କେବଳ ଛୋଟ ମରାମତି ମଧ୍ୟରେ ସୀମିତ ଥିଲା ଯାହା ସମୟ ସମୟରେ କରାଯାଏ । *ଆୟକର ଆୟୁକ୍ତ ବନାମ ଦରଭଙ୍ଗା ଚିନି କମ୍ପାନୀ ଲିମିଟେଡ* [1956] 29 ଆଇ. ଟି. ଆର୍. 21 ମାମଲାରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣ ସହିତ ଏବଂ *ଆୟକର ଆୟୁକ୍ତ ବନାମ ଶ୍ରୀ ରାମ ଚିନି ମିଲ୍ସ ଲିମିଟେଡ୍,* [1952] 21 ଆଇ. ଟି. ଆର୍. 191 ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣ ସହିତ ମାନ୍ୟବର ବିଚାରପତି ସହମତ ହୋଇଥିଲେ ।

*ଲିବର୍ଟି ସିନେମା ବନାମ ଆୟକର ଆୟୁକ୍ତ* କଲିକତା, 52 ଆଇ. ଟି. ଆର୍. 153, ମାମଲାରେ ମାନ୍ୟବର ନ୍ୟାୟମୂର୍ତ୍ତି ପି. ବି. ମୁଖାର୍ଜୀ, କଲିକତା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ପାଇଁ ବକ୍ତବ୍ୟ ରଖି କହିଛନ୍ତି ଯେ ଏକ ନୂତନ ସମ୍ପତ୍ତି କିମ୍ବା ସ୍ଥାୟୀ ପ୍ରକୃତିର ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହୋଇଥିବା ଖର୍ଚ୍ଚ ଧାରା 10 (2) (v) ଅନୁଯାୟୀ ଛାଡ଼ ପାଇଁ ଯୋଗ୍ୟ ହୋଇପାରିବ ନାହିଁ ।

ଆମ ମତରେ, ମାନ୍ୟବର ମୁଖ୍ୟ ବିଚାରପତି ଚଗଲାଙ୍କ ଦ୍ୱାରା *ନ୍ୟୁ ସୋର୍କକ୍ ସ୍ପିନିଙ୍ଗ୍ ଆଣ୍ଡ ମାନୁଫାକ୍ଚରିଂ କମ୍ପାନୀ ଲିମିଟେଡ୍ ମାମଲାରେ ବିକଶିତ ହୋଇଥିବା ନିତୀଟି, ଉକ୍ତ ଅଭିବ୍ୟକ୍ତିର ପ୍ରସଙ୍ଗ ଦୃଷ୍ଟିରେ ସବୁଠାରୁ ଉପଯୁକ୍ତ ଅଟେ । ଭାରତର ଅଧିକାଂଶ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହାକୁ ଅନୁସରଣ କରିଛନ୍ତି । ଆମେ ସମ୍ମାନର ସହ ଏହି ନିତୀକୁ ସ୍ୱୀକାର ଓ ଅଙ୍ଗୀକାର କରୁଛୁ ।*

ଉପରୋକ୍ତ ନିତୀକୁ ପ୍ରୟୋଗ କରି, ଯଦି ଆମେ ଏହି ମାମଲାର ତଥ୍ୟ ଉପରେ ନଜର ପକାଇବା, ତେବେ ଏହା ସ୍ୱଷ୍ଟ ହେବ ଯେ କରଦାତା ଯାହା କରିଥିଲେ ତାହା କେବଳ ମରାମତି ନଥିଲା ବରଂ ପ୍ରେକ୍ଷାଳୟର ସମ୍ପୂର୍ଣ୍ଣ ନବୀକରଣ ଥିଲା । ନୂତନ ଯନ୍ତ୍ରପାତି, ନୂତନ ଆସବାବପତ୍ର, ନୂତନ ଶୌଚାଳୟ ସରଞ୍ଜାମ ଏବଂ ନୂତନ ବୈଦ୍ୟୁତିକ ତାର ବିଛାଇବା ସହିତ କୋଠାର ଢାଞ୍ଚାରେ ବ୍ୟାପକ ମରାମତି କରାଯାଇଥିଲା । କୌଣସି ପରିସ୍ଥିତିରେ, ଉକ୍ତ ମରାମତି କାର୍ଯ୍ୟକୁ ଧାରା 10 (2) (v) ଅନୁଯାୟୀ "ବର୍ତ୍ତମାନ ମରାମତି" ବୋଲି ଗ୍ରହଣ କରାଯାଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ନବୀକରଣ ଉପରେ ଏକ ମାମଲା ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ଉଚିତ ଭାବେ ପୁଞ୍ଜିଗତ ଖର୍ଚ୍ଚ ଭାବେ ନିର୍ଣ୍ଣୟ ନେଇଛନ୍ତି । ବାସ୍ତବରେ, ଉଚ୍ଚ ନ୍ୟାୟାଳୟଙ୍କ ଏହି ସିଦ୍ଧାନ୍ତ ଯେ କରଦାତା 1937 ମସିହାରେ ଯେଉଁ କାରଖାନାକୁ 17,000/- ଟଙ୍କାରେ କିଣିଥିଲେ, ତାହା ବଦଳରେ ପ୍ରାସଙ୍ଗିକ ହିସାବ ବର୍ଷରେ ପ୍ରାୟ 1,20,000/- ଟଙ୍କା ଖର୍ଚ୍ଚ କରାଯାଇଥିଲା ।

ତଦନୁସାରେ ଆବେଦନ ବିଫଳ ହୋଇଛି ଏବଂ ଖାରଜ କରାଯାଇଛି । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଭି. ଏସ୍. ଏସ୍. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।